## ଆଦିକନ୍ଦ ସେଠି  (ମୃତ) ଆଇନଗତ ଉତ୍ତରାଧିକାରୀ ଏବଂ ଅନ୍ୟଜଣଙ୍କ ମାଧ୍ୟମରେ

## ବନାମ

## ପାଲାନୀ ସ୍ୱାମୀ ସରନ ପରିବହନ ଏବଂ ଅନ୍ୟ ଜଣେ

## 8 ମଇ 1997

## [କେ. ରାମସ୍ୱାମୀ ଏବଂ କେ.ଏସ୍. ପରିପୂର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୋଟର ଯାନ ଅଧିନିୟମ, 1939 :*

*ଧାରା 110-A – ମର୍ମନ୍ତୁଦ ଦୁର୍ଘଟଣା -ମୃତ ଯୁବକଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ - କ୍ଷତିପୂରଣ ପ୍ରଦାନ କରିବାକୁ ହିସାବ କରିବା ପାଇଁ ପ୍ରଯୁଜ୍ୟ ନୀତି - ବ୍ୟାଖ୍ୟା କରାଯାଇଛି - 18 ବର୍ଷର ଗୁଣକ ପ୍ରୟୋଗ କରାଯାଇଛି - ଯେହେତୁ ଦାବି 1,00,000, ଟଙ୍କା ମଧ୍ୟରେ ସୀମିତ ଥିଲା, ନିର୍ଭରଶୀଳମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଗଲା ।*

*ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଅନ୍ୟମାନେ, ବନାମ ତ୍ରିଲୋକ ଚନ୍ଦ୍ର ଏବଂ ଅନ୍ୟମାନେ,* ***[1996] 4 ଏସ.ସି.ସି. 362*** **ଉପରେ ନିର୍ଭରଶୀଳ ଥିଲା ।**

**ଦେୱାନୀ  ଆବେଦନ ଅଧିକାରିତା :** ଦେୱାନୀ ଆବେଦନ ସଂଖ୍ୟା  3567/1997

ବିବିଧ ଆବେଦନ ସଂଖ୍ୟା 384 /1990 ର ଓଡ଼ିଶା ଉଚ୍ଚ ନ୍ୟାୟାଳୟର  ତା 13.9.93 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ.ଜେଡ୍.ଏସ୍. ପାସ୍ରିଚ୍ ।

ଉତ୍ତରଦାତାମାନଙ୍କ ପାଇଁ ପି.ପି. ମାଲହୋତ୍ରା ଏବଂ ନରେଶ ଶର୍ମା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରାୟରୁ ଉତ୍ପନ୍ନ ହୋଇଛି, ଯାହା ବିବିଧ ଆବେଦନ ସଂଖ୍ୟା 384/90 ରେ ତା 13.9.1993 ରିଖରେ କରାଯାଇଛି ।

ବଲ୍ଲଭ କୁମାର ସେଠି  ନାମକ ଜଣେ 24 ବର୍ଷ ବୟସ୍କ ଯୁବକ, TCV 667 ପଞ୍ଜୀକରଣ ସଂଖ୍ୟା ଥିବା ତୈଳ ଟ୍ୟାଙ୍କର ଦ୍ୱାରା ଧକ୍କା ଖାଇ ପ୍ରାଣ ହରାଇଥିଲେ । ଆବେଦନକାରୀ ମୃତ ବ୍ୟକ୍ତିଙ୍କ ମାହାଲ ଓ ଭରଣପୋଷଣ ପାଇଁ ଏବଂ ମୃତ ବ୍ୟକ୍ତିଙ୍କ ନିର୍ଭରଶୀଳ ଭାବରେ ଥିବାରୁ 1 ଲକ୍ଷ ଟଙ୍କା ସହାୟତା ଦାବି କରିଥିଲେ । ମୋଟର ଯାନ ଅଧିନିୟମ, 1939 ର ଧାରା 110-ଏ ଅନୁଯାୟୀ ଏପ୍ରିଲ୍ 30, 1983 ରେ ଦାବି ରଖାଯାଇଥିଲା । ନ୍ୟାୟାଧିକରଣ ଆବେଦନକାରୀଙ୍କୁ 1,00,000 ଟଙ୍କା ପ୍ରଦାନ କରି ରାୟ ପ୍ରଦାନ କରିଥିଲେ ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅପିଲ ଅଧୀନରେ ନିଶ୍ଚିତ କରାଯାଇଥିଲା ଏବଂ ଏହାକୁ 18,000 ଟଙ୍କା ବୃଦ୍ଧି କରାଯାଇଥିଲା ।

ମର୍ମନ୍ତୁଦ ଦୁର୍ଘଟଣା ମାମଲାରେ କ୍ଷତିପୂରଣ ନିର୍ଦ୍ଧାରଣର ନୀତି ଏହି ନ୍ୟାୟାଳୟ ଦ୍ୱାରା *ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଅନ୍ୟ ଜଣେ, ବନାମ ତ୍ରିଲୋକ ଚନ୍ଦ୍ର ଏବଂ ଅନ୍ୟଜଣେ,* [1996] 4 ଏସ.ସି.ସି. 362 ରେ ସ୍ଥିର

କରାଯାଇଥିଲା । ଏହି ନ୍ୟାୟାଳୟ ଅନୁଚ୍ଛେଦ 18 ରେ, ସାରଣୀ ଉପରେ ବିଚାର କରିବା ପରେ ଜାଣିବାକୁ ପାଇଲେ ଯେ କ୍ରେତାଙ୍କ ସର୍ବାଧିକ ଗୁଣକ ନିମ୍ନମତେ ଥିଲା:

"ଆମେ ଯାହା ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଉଛୁ ତାହା ହେଉଛି, ଗୁଣକ 18 ବର୍ଷର କ୍ରୟ କାରକକୁ ଅତିକ୍ରମ କରିପାରିବେ ନାହିଁ । ଏହା ପୂର୍ବ ସ୍ଥିତି ତୁଳନାରେ ଅଭିବୃଦ୍ଧି ଯେ ସାଧାରଣତଃ, ଏହା 16 ରୁ ଅଧିକ ହେବା ଉଚିତ୍ ନୁହେଁ । ସଠିକ୍ ଆଇନଗତ ସ୍ଥିତି ଦର୍ଶାଇବା ଆବଶ୍ୟକ ବୋଲି ଆମେ ଭାବିଲୁ କାରଣ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣମାନେ ବର୍ତ୍ତମାନର ମାମଲାରେ ଉଚ୍ଚତର ଗୁଣକ ବ୍ୟବହାର କରୁଛନ୍ତି ଯେଉଁଠାରେ ନ୍ୟାୟାଧିକରଣ 24 ର ଗୁଣକ ବ୍ୟବହାର କରିଥିଲେ ଯାହାକୁ ଉଚ୍ଚ ନ୍ୟାୟାଳୟ 34 କୁ ବୃଦ୍ଧି କରିଥିଲେ, ତଦ୍ୱାରା ଡେଭିସ୍ ମାମଲାରେ ଗୁଣକ ବ୍ୟବସ୍ଥାର ପୃଷ୍ଠଭୂମି ବିଷୟରେ ସଚେତନତାର ଅଭାବ ଦର୍ଶାଉଛି ।

ତେଣୁ, ଆମକୁ ଏହି ସିଦ୍ଧାନ୍ତରେ ପହଞ୍ଚିବାକୁ ହେବ ଯେ ମୃତ ବ୍ୟକ୍ତିଙ୍କ ବାର୍ଷିକ ଆୟ 12, 000 ଟଙ୍କା ଏବଂ ସେ ପରିବାର ସଦସ୍ୟଙ୍କ ପାଇଁ 7,500 ଟଙ୍କା ଖର୍ଚ୍ଚ କରିଥାନ୍ତେ ଏବଂ ନିଜ ପାଇଁ 1/3 ;ତେଣୁ ବାର୍ଷିକ ଆୟ ବର୍ଷକୁ 9,000 ଟଙ୍କା ଏବଂ 18 ବର୍ଷର ଗୁଣକ ପ୍ରୟୋଗ କରିବାକୁ ପଡିବ ଯାହା ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଯୁବ ବ୍ୟକ୍ତିଙ୍କ କ୍ଷେତ୍ରରେ ସର୍ବାଧିକ । ଦାବିଦାରଙ୍କୁ କ୍ଷତିପୂରଣ ବାବଦରେ 1 ଲକ୍ଷ 40 ହଜାର ଟଙ୍କା ମିଳିବ । ଯେହେତୁ ଦାବି 1 ଲକ୍ଷ ଟଙ୍କା ମଧ୍ୟରେ ସୀମିତ, ଦାବିଦାରମାନେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆସିବା ଦିନଠାରୁ ବର୍ଷକୁ 6% ପ୍ରତିଶତ ସୁଧରେ 1 ଲକ୍ଷ ଟଙ୍କା କ୍ଷତିପୂରଣ ପାଇବାକୁ ହକଦାର ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।